# NATIONAL NEWS BULLETIN (ODIA)
## 18th May - 2025
## Morning Bulletin : 7.15 a.m.

**********************************

ଆକାଶବାଣୀ.....     ସମ୍ବାଦ ପଢୁଛନ୍ତି.....     **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ଦେଶର ସୁରକ୍ଷା ବ୍ୟବସ୍ଥାରେ ଅପରେସନ ସିନ୍ଦୂର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।
- ଅପରେସନ୍ ସିନ୍ଦୂର ସମ୍ପର୍କରେ ଅବଗତ କରିବା ଲାଗି ପ୍ରମୁଖ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିବାକୁ ଥିବା ସର୍ବଦଳୀୟ ପ୍ରତିନିଧିମଣ୍ଡଳିର ତାଲିକା ପ୍ରଦାନ କଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ।
- ଆମ୍ ଆଦ୍‌ମୀ ପାର୍ଟିର ସଦସ୍ୟ ପଦରୁ ଇସ୍ତଫା ଦେଲେ ଦିଲ୍ଲୀ ମହାନଗର ନିଗମର ୧୫ ଜଣ କାଉନ୍‌ସିଲର୍ ।
- ଗାଜାରେ ଚାଲିଥିବା ଯୁଦ୍ଧସମାପ୍ତି ପାଇଁ ଇସ୍ରାଏଲ ଓ ହମାସ ମଧ୍ୟରେ ଚାଲିଛି ଆଲୋଚନା ।

ଏବଂ

- ବର୍ଷାଯୋଗୁଁ ସମ୍ଭବ ହେଲାନାହିଁ ଆଇ.ପି.ଏଲ୍. କ୍ରିକେଟର ଗତକାଲିର ମ୍ୟାଚ୍ ।

## ଅମିତ୍ ଶାହା

ଦେଶର ସୁରକ୍ଷା ବ୍ୟବସ୍ଥାରେ ଅପରେସନ ସିନ୍ଦୂର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି । ଗୁଜରାଟର ଗାନ୍ଧିନଗରଠାରେ ଏକ ଜନସଭାକୁ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି, ଅପରେସନ ସିନ୍ଦୂର ଦେଶର ଜାତୀୟ ସୁରକ୍ଷାରେ ଏକ ଐତିହାସିକ ନିଷ୍ପତ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ଭାରତୀୟ ସଶସ୍ତ୍ର ବାହିନୀ ପାକିସ୍ତାନ ଅଞ୍ଚଳରେ ଆତଙ୍କବାଦୀ ଭିତ୍ତିଭୂମିକୁ ନଷ୍ଟ କରି ଦେଇଛନ୍ତି । ସ୍ୱାଧୀନତା ପରେ ପ୍ରଥମ ଥରପାଇଁ ଭାରତୀୟ ସେନା ପାକିସ୍ତାନର ୧୦୦ କିଲୋମିଟର ଭିତରକୁ ପ୍ରବେଶ କରି ଏଭଳି ଆକ୍ରମଣ କରିଛି ।

***Voice (Shah)*** :.......

ଏହି ଅବସରରେ ଗାନ୍ଧିନଗର ଲୋକସଭା କ୍ଷେତ୍ରରେ ମନ୍ତ୍ରୀ ଶ୍ରୀ ଶାହା ୭ ଶହ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।

# ଅଲ୍ ପାର୍ଟି ଡେଲିଗେସନ୍ସ

ଦେଶର ୭ଟି ସର୍ବଦଳୀୟ ପ୍ରତିନିଧି ମଣ୍ଡଳି ଖୁବ୍‌ଶୀଘ୍ର ଅପରେସନ୍ ସିନ୍ଦୂର ପଦକ୍ଷେପ ସମ୍ପର୍କରେ ଅବଗତ କରିବା ଲାଗି କେତେକ ପ୍ରମୁଖ ରାଷ୍ଟ୍ରଗୁଡ଼ିକୁ ଗସ୍ତ କରିବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରିଜିଜୁ କହିଛନ୍ତି, ଆତଙ୍କବାଦ ବିରୋଧରେ ଭାରତର ସାମୂହିକ ସଙ୍କଳ୍ପକୁ ଏହା ପ୍ରତିଫଳିତ କରୁଛି । ଏଥିସହ ପ୍ରତିନିଧିମଣ୍ଡଳିରେ ସଦସ୍ୟ ଥିବା ସାଂସଦ ଏବଂ ସଦସ୍ୟଙ୍କ ତାଲିକା ସେ ପ୍ରକାଶ କରିଛନ୍ତି । ବି.ଜେ.ପି. ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ପ୍ରଥମ ଗୋଷ୍ଠୀ ସାଉଦି ଆରବ, ବାହାରିନ୍, କୁଏତ୍ ଏବଂ ଆଲ୍‌ଜେରିଆ ଗସ୍ତ କରିବେ । ଏଥିରେ ବି.ଜେ.ପି.ର ନିଶୀକାନ୍ତ ଦୁବେ ଏବଂ ଏ.ଆଇ.ଏମ୍.ଆଇ.ଏମ୍.ର ଅସସୁଦ୍ଦିନ୍ ଓୱେଶି ସଦସ୍ୟ ଅଛନ୍ତି । ବି.ଜେ.ପି. ସାଂସଦ ରବୀଶଙ୍କର ପ୍ରସାଦଙ୍କ ନେତୃତ୍ୱରେ ଦ୍ୱିତୀୟ ଗୋଷ୍ଠୀ ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ୟୁରୋପୀୟ ସଂଘ, ଇଟାଲୀ ଏବଂ ଡେନ୍‌ମାର୍କ ଗସ୍ତ କରିବେ । ଜେ.ଡି.ୟୁ. ସାଂସଦ ସଞ୍ଜୟ କୁମାର ଝା'ଙ୍କ ନେତୃତ୍ୱରେ ତୃତୀୟ ଗୋଷ୍ଠୀ ଇଣ୍ଡୋନେସିଆ, ମାଲେସିଆ, ଦକ୍ଷିଣ କୋରିଆ, ଜାପାନ୍ ଓ ସିଙ୍ଗାପୁର ଗସ୍ତରେ ଯିବେ । ଶିବସେନା ସାଂସଦ ଶ୍ରୀକାନ୍ତ ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ଚତୁର୍ଥ ଗୋଷ୍ଠୀ ସଂଯୁକ୍ତ ଆରବ ଏମିରେଟ୍ସ୍, ଲାଇବେରିଆ, କଙ୍ଗୋ ଏବଂ ସିଏରାଲିଓନ୍ ଗସ୍ତ କରିବେ । କଂଗ୍ରେସ ସାସଂଦ ଶଶି ଥରୁର୍‌ଙ୍କ

ନେତୃତ୍ୱରେ ପଞ୍ଚମ ଗୋଷ୍ଠୀ ଆମେରିକା, ପାନାମା, ଗୁଏନା, ବ୍ରାଜିଲ୍ ଏବଂ କଲମ୍ବିଆ ଗସ୍ତରେ ଯିବେ । ଡି.ଏମ୍.କେ. ସାଂସଦ କାନିମୋଝିଙ୍କ ନେତୃତ୍ୱରେ ଷଷ୍ଠ ପ୍ରତିନିଧି ମଣ୍ଡଳି ସ୍ପେନ୍, ଗ୍ରୀସ୍, ସ୍ଲୋଭେନିଆ, ଲାଟଭିଆ ଏବଂ ରୁଷ୍ ଗସ୍ତ କରିବେ । ଏନ୍.ସି.ପି. ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱରେ ସପ୍ତମ ଗୋଷ୍ଠୀ ଇଜିପ୍ଟ, କତାର, ଇଥିଓପିଆ ଏବଂ ଦକ୍ଷିଣ ଆଫ୍ରିକା ଗସ୍ତରେ ଯିବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ବୋଲି ଶ୍ରୀ ରିଜିଜୁ କହିଛନ୍ତି ।

## ଆପ୍ କାଉନ୍‌ସିଲର୍ସ ରିଜାଇନ୍

ଦିଲ୍ଲୀ ମହାନଗର ନିଗମର ୧୫ ଜଣ କାଉନ୍‌ସିଲର ଆମ୍ ଆଦ୍‌ମୀ ପାର୍ଟିର ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି । ସେମାନେ ଏକ ନୂତନ ଦଳ ଇନ୍ଦ୍ରପ୍ରସ୍ଥ ବିକାଶ ପାର୍ଟି ଗଠନ ନେଇ ଘୋଷଣା କରିଛନ୍ତି । ହିମାନୀ ଜୈନ୍ ଏବଂ ମୁକେଶ ଗୋୟଲ୍‌ଙ୍କ ନେତୃତ୍ୱରେ ଏହି କାଉନ୍‌ସିଲର୍‌ମାନେ ଇସ୍ତଫା ପ୍ରଦାନ କରିଥିବା ଜଣାପଡ଼ିଛି । ଦଳରେ ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ଇସ୍ତଫାର କାରଣ ବୋଲି ସେମାନେ କହିଛନ୍ତି । ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ଯୋଗୁଁ ଗତ ଅଢ଼େଇ ବର୍ଷ ମଧ୍ୟରେ ମହାନଗର ନିଗମରେ କୌଣସି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ ବୋଲି ହିମାନୀ ଜୈନ ଏବଂ ମୁକେଶ ଗୋୟଲ୍ କହିଛନ୍ତି । ଦିଲ୍ଲୀର ବିକାଶକୁ ଲକ୍ଷ୍ୟରେ ରଖି ଏହି ନୂତନ ଦଳ ଗଠନ କରାଯାଇଛି ଏବଂ ଜାତୀୟ

ରାଜଧାନୀର ବିକାଶପାଇଁ କାର୍ଯ୍ୟ କରୁଥିବା ଯେକୌଣସି ଦଳକୁ ସେମାନେ ସମର୍ଥନ କରିବେ ବୋଲି ଘୋଷଣା କରିଛନ୍ତି ।

## ଏଗ୍ରିକଲ୍‌ଚର ମିନିଷ୍ଟର - ନାଗପୁର

କୃଷି ମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଆଜି ଅପରାହ୍ଣରେ ମହାରାଷ୍ଟ୍ରର ବିଦର୍ଭ ଅଞ୍ଚଳର ଚାଷୀଙ୍କ ସହିତ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଚି । ନାଗପୁରକୁ ଦିନିକିଆ ଗସ୍ତ ଅବସରରେ ମନ୍ତ୍ରୀ ଶ୍ରୀ ଚୌହାନ ସୁରେଶ ଭଟ୍ ପ୍ରେକ୍ଷାଳୟଠାରେ ବିକଶିତ କୃଷି ଆଧାରିତ ପ୍ରସଙ୍ଗ ନେଇ ଅଂଶୀଦାରମାନଙ୍କ ସହ ଆଲୋଚନା କରିବେ । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବୀଶ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦେବେ । ଭାରତୀୟ କୃଷି ଗବେଷଣା ପରିଷଦ, ରାଜ୍ୟ କୃଷି ବିଭାଗ ଏବଂ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟର ଅଧିକାରୀଙ୍କ ସହ ମନ୍ତ୍ରୀ ଶ୍ରୀ ଚୌହାନ ଏକ ସମୀକ୍ଷା ବୈଠକରେ ଯୋଗ ଦେବାର କାର୍ଯ୍ୟସୂଚୀ ରହିଛି । ସେହି ଅଞ୍ଚଳରେ କୃଷି ଓ ଗ୍ରାମୀଣ ବିକାଶ ଯୋଜନାଗୁଡ଼ିକର କାର୍ଯ୍ୟକାରିତା ନେଇ ଆଲୋଚନା କରିବେ । ନାଗପୁରସ୍ଥିତ ଜାତୀୟ ମୃତ୍ତିକା ସ୍ପେକ୍ଟ୍ରାଲ୍ ପାଠାଗାରକୁ ମନ୍ତ୍ରୀ ଉଦ୍‌ଘାଟନ କରିବା ସହ କପା ଫସଲକୁ ପ୍ରଭାବିତ କରୁଥିବା ଏକ ପ୍ରମୁଖ କୀଟ ପିଙ୍କ୍ ବୋଲ୍‌ୱାର୍ମକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ସ୍ମାର୍ଟ ଟ୍ରାପ୍ ବ୍ୟବସ୍ଥାର ଶୁଭାରମ୍ଭ କରିବେ ।

# ଇସ୍ରାଏଲ୍-ହମାସ ଟକ୍

ଗାଜାରେ ଚାଲିଥିବା ଯୁଦ୍ଧ ସମାପ୍ତ କରିବାପାଇଁ ଇସ୍ରାଏଲ୍ ଏବଂ ହମାସ ମଧ୍ୟରେ ପୁନର୍ବାର ଆଲୋଚନା ଆରମ୍ଭ ହୋଇଛି । କତାର୍ ଏବଂ ଆମେରିକାର ମଧ୍ୟସ୍ଥିରେ ଗତକାଲି ଦୋହାଠାରେ ଏହି ଆଲୋଚନା ହେଉଛି । ହମାସ୍‌ର ବରିଷ୍ଠ ଅଧିକାରୀ ମହମୁଦ୍ ମାର୍ଦାୱି ଏହି ଆଲୋଚନା ସମ୍ପର୍କରେ ସୂଚନା ଦେବା ସହ ଅସ୍ତ୍ରବିରତି ଏବଂ ପଣବନ୍ଦୀ ମୁକ୍ତି ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ହମାସ୍ ୬୦ ଦିନିଆ ଅସ୍ତ୍ରବିରତି ଏବଂ ପାଲେଷ୍ଟାଇନ୍ ଯୁଦ୍ଧବନ୍ଦୀଙ୍କ ମୁକ୍ତ କରିବା ବଦଳରେ ଇସ୍ରାଏଲ୍‌ର ୯ ଜଣ ପଣବନ୍ଦୀଙ୍କୁ ମୁକ୍ତ କରିବାକୁ ସମ୍ମତି ପ୍ରଦାନ କରିଛି । ତେବେ ଇସ୍ରାଏଲ୍ ପକ୍ଷରୁ ଏନେ କୌଣସି ପ୍ରତିକ୍ରିୟା ମିଳି ନାହିଁ । ଅନ୍ୟପକ୍ଷରେ ଦୋହାରେ ଆଲୋଚନା ପୂର୍ବରୁ ଇସ୍ରାଏଲ ଗାଜାରୁ ସୈନ୍ୟ ପ୍ରତ୍ୟାହାର କିମ୍ବା ଯୁଦ୍ଧ ସମାପ୍ତ କରିବାକୁ ପ୍ରତିବଦ୍ଧ ନୁହେଁ ବୋଲି ଘୋଷଣା କରିଥିଲା । ଇସ୍ରାଏଲ୍‌ର ପ୍ରତିରକ୍ଷା ମନ୍ତ୍ରୀ ଆଲୋଚନା ଆରମ୍ଭ ହୋଇଥିବା ନେଇ ସ୍ପଷ୍ଟ କରିଛନ୍ତି । ସେ କହିଛନ୍ତି, ହମାସ୍‌କୁ ମୂଳୋତ୍ପାଟନ କରିବା ଇସ୍ରାଏଲ୍ ନୂତନ ସାମରିକ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ । ଏହା ପୂରଣ ନ ହେବା ପର୍ଯ୍ୟନ୍ତ ଯୁଦ୍ଧ ଜାରି ରହିବ ବୋଲି ସେ ସ୍ପଷ୍ଟ କରିଥିଲେ । ଅନ୍ୟପକ୍ଷରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ସାଧାରଣ ଲୋକଙ୍କ ବିସ୍ଥାପନରେ ଚିନ୍ତା ପ୍ରକଟ କରିଛନ୍ତି ।

# ମଣିପୁର - ଏଫ୍.ଆଇ.ଆର୍.

କୁକି ଛାତ୍ର ସଙ୍ଗଠନ ଦିଲ୍ଲୀ ଶାଖାର ସଭାପତି ପାଓଜାଖୁପ୍ ଗୁଇଟ୍‌ଙ୍କ ବିରୋଧରେ ମଣିପୁର ପୁଲିସ୍ ଏକ ମାମଲା ରୁଜୁ କରିଛି । ସାମାଜିକ ଗଣମାଧ୍ୟମରେ ପ୍ରସାରିତ ଏକ ଭିଡ଼ିଓ ଆଧାରରେ ତାଙ୍କ ବିରୋଧରେ ଏହି ମାମଲା ରୁଜୁ କରାଯାଇଛି । ଏକ ସମାବେଶକୁ ସମ୍ବୋଧନ କରିବା ଅବସରରେ କୁକିବହୁଳ ଅଞ୍ଚଳରେ ମୈତେୟୀ ସମ୍ପ୍ରଦାୟର ଗତିବିଧି ଉପରେ କଟକଣା ଲଗାଇବାକୁ ଏହି ଭିଡ଼ିଓରେ ମାଧ୍ୟମରେ ସେ ଆହ୍ୱାନ ଦେଇଥିବା ଜଣାପଡ଼ିଛି । ସିରୁଇ ମହୋତ୍ସବ ଅବସରରେ ମୈତେୟୀ ସମ୍ପ୍ରଦାୟ ଉଖ୍ରୁଲ୍ ଜିଲ୍ଲା ମଧ୍ୟଦେଇ ଯାତ୍ରା କରିବାର ଯୋଜନା ପରିପ୍ରେକ୍ଷୀରେ ଶ୍ରୀ ଗୁଇଟ୍ ଏହି ଆହ୍ୱାନ ଦେଇଥିବା ଜଣାପଡ଼ିଛି । ମଣିପୁରର ଚୁରାଚାନ୍ଦପୁର ଥାନାରେ ଏହି ମାମଲା ରୁଜୁ କରାଯାଇଛି । ପଡ଼ୋଶୀ ଜିଲ୍ଲା ପୁଲିସ୍‌କୁ ଏ ସମ୍ପର୍କରେ ସୂଚନା ଦିଆଯିବା ସହ ପରିସ୍ଥିତି ଉପରେ ନଜର ରଖିବାକୁ ସତର୍କ କରାଯାଇଛି । ପଡ଼ୋଶୀ ରାଜ୍ୟ ମିଜୋରାମ, ଆସାମ, ନାଗାଲାଣ୍ଡ ଓ ମେଘାଳୟ କର୍ତ୍ତୃପକ୍ଷଙ୍କୁ ଶ୍ରୀ ଗୁଇଟ୍‌ଙ୍କ ଗିରଫଦାରୀରେ ସହାୟତା ପ୍ରଦାନ କରିବାକୁ ଆହ୍ୱାନ କରାଯାଇଛି । ସୂଚନାଯୋଗ୍ୟ, ପଞ୍ଚମ ଶିରୁଇ ମହୋତ୍ସବ ଆସନ୍ତା ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ।

## ଇସ୍ରୋ

ଆନ୍ଧ୍ରର ଶ୍ରୀହରିକୋଟା ସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଉତ୍କ୍ଷେପିତ ପି.ଏସ୍.ଏଲ୍.ଭି. ସି-୬୧ ଅସଫଳ ହୋଇଛି । ଏ ସମ୍ପର୍କରେ ସୂଚନା ଦେଇ ଇସ୍ରୋର ଅଧ୍ୟକ୍ଷ ଡକ୍ଟର ଭି. ନାରାୟଣନ୍ କହିଛନ୍ତି, କେତେକ ବୈଷୟିକ ତ୍ରୁଟି ଯୋଗୁଁ ଉତ୍କ୍ଷେପଣର ତୃତୀୟ ପର୍ଯ୍ୟାୟରେ ଏହା ଅସଫଳ ହୋଇଛି । ସୂଚନାଯୋଗ୍ୟ, ଭାରତ ଏହାର ମହାକାଶ କାର୍ଯ୍ୟକ୍ରମର ୧୦୧ତମ ମିଶନ ଅଧୀନରେ ଆଜି ପ୍ରାତଃ ୫ଟା ୫୯ ମିନିଟ୍‌ରେ ପୃଥିବୀ ପର୍ଯ୍ୟବେକ୍ଷଣ ସାଟେଲାଇଟ୍ EOS-09 ସହିତ ଏହି ରକେଟ୍‌କୁ ଉତ୍କ୍ଷେପଣ କରିଥିଲା ।

## ଏ.ଏସ୍.ଆଇ. - ମ୍ୟୁଜିୟମ୍ ଡେ

ଆନ୍ତର୍ଜାତିକ ସଂଗ୍ରହାଳୟ ଦିବସ ଆଜି ପାଳନ କରାଯାଉଛି । ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଏବଂ ଏକ୍ଷେତ୍ରରେ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ତଥା ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ପ୍ରତିବର୍ଷ ଏହି ଦିବସ ପାଳିତ ହୋଇଆସୁଛି । ଏହି ପଦକ୍ଷେପ ଅମୂଲ୍ୟ ସଂଗ୍ରହଗୁଡ଼ିକ ଉପରେ ଗବେଷଣା କରିବାକୁ ଅନନ୍ୟ ସୁଯୋଗ ପ୍ରଦାନ କରିଥାଏ । ଦେଶର ସମୃଦ୍ଧ ସାଂସ୍କୃତିକ

ଐତିହ୍ୟକୁ ଅନୁଶୀଳନ କରିବା ଦିଗରେ ଏହା ଗୁରୁତ୍ୱ ବହନ କରେ । ଏହି ଦିବସ ପାଳନ ଅବସରରେ ଦେଶର ସମସ୍ତ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସ୍ମାରକୀ ଏବଂ ସଂଗ୍ରହାଳୟରେ ନିଃଶୁଳ୍କ ପ୍ରବେଶ ନେଇ ଏ.ଏସ୍.ଆଇ. ଘୋଷଣା କରିଛି । ସଂସ୍କୃତି ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏ.ଏସ୍.ଆଇ.ର ୫୨ଟି ସ୍ମାରକୀ ଏବଂ ସଂଗ୍ରହାଳୟରେ ଜନସାଧାରଣ ଆଜି ନିଃଶୁଳ୍କ ପ୍ରବେଶ କରିପାରିବେ ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ର ଗତକାଲିର ମ୍ୟାଚ୍ ବର୍ଷା ଯୋଗୁଁ ସମ୍ଭବ ହୋଇପାରି ନାହିଁ । ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ଠାରେ ଖେଳାଯିବାକୁ ଥିବା କୋଲ୍‌କାତା ନାଇଟ୍ ରାଇଡର୍ସ ଏବଂ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ଟସ୍ ପଡ଼ିପାରି ନ ଥିଲା । ଉଭୟ ଦଳଙ୍କ ମଧ୍ୟରେ ପଏଣ୍ଟ ଭାଗ ହୋଇଛି । ତେବେ ବେଙ୍ଗାଲୁରୁ ୧୨ଟି ମ୍ୟାଚ୍‌ରୁ ୧୭ ପଏଣ୍ଟ ପାଇ ତାଲିକାର ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଥିବାବେଳେ କୋଲ୍‌କାତା ୧୩ଟି ମ୍ୟାଚ୍‌ରୁ ୧୨ ପଏଣ୍ଟ ପାଇଁ ପ୍ଲେ-ଅଫ୍‌ରୁ ବାଦ୍ ପଡ଼ିଛି । ଗୁଜରାଟ୍ ଟାଇଟନ୍‌ସ ୧୬ ପଏଣ୍ଟ୍ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ଥିବାବେଳେ ପଞ୍ଜାବ କିଙ୍ଗ୍‌ସ ତୃତୀୟ ସ୍ଥାନରେ ରହିଛି ।

ଆଜି ଦୁଇଟି ମ୍ୟାଚ୍ ଖେଳାଯିବ । ରାଜସ୍ଥାନ ରୟାଲ୍ସ ଏବଂ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ଜୟପୁର ସମାଇ ମାନସିଂ ଷ୍ଟାଡିୟମ୍‌ଠାରେ ସାଢ଼େ ୩ଟାରେ ମ୍ୟାଚ୍ ଅନୁଷ୍ଠିତ ହେବ । ଦିଲ୍ଲୀର ଅରୁଣ ଜେଟ୍‌ଲି ଷ୍ଟାଡ଼ିୟମ୍‌ଠାରେ ସନ୍ଧ୍ୟା ସାଢ଼େ ୭ଟାରେ ଗୁଜରାଟ ଟାଇଟନ୍ସ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍‌ଟି ଅନୁଷ୍ଠିତ ହେବ ।

*****